

ସେଇଥୁ
# ଆରମ୍ଭ
SEITHO ARAMBHA



ଗୁରୁବାର, ୨୪ ସେପ୍ଟେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮


## ମୀରାବାଈ ଚାନୁ ଜିତିଲେ କ୍ୟାରିୟରର ପ୍ରଥମ ଏସିଆନ ଗେମ୍ସ ପଦକ



ନୂଆଦିଲ୍ଲୀ, ୨୩/୯(ନ୍ୟୁ.ଏ): ୨୦ତମ ଏସିଆନ ଗେମ୍ସର ଆଜି ପଂଚମ ଦିନ । ସମ୍ମାନଜନକ ଟୁର୍ଣ୍ଣାମେଂଟରେ ଭାରତୀୟ ଆଥଲେଟ୍ ଅନେକ ଇଭେଂଟରେ ଭାଗ୍ୟ ପରୀକ୍ଷା ଦେଉଛନ୍ତି । ଷ୍ଟାର ଭାରତୋଳକ ମୀରାବାଈ ଚାନୁ ୪୯ କିଲୋଗ୍ରାମ ବର୍ଗରେ ରୌପ୍ୟ ପଦକ ଜିତିଛନ୍ତି । ସେ ମୋଟ୍ ୧୯୮ କିଲୋଗ୍ରାମ(ସ୍ନେଚ୍ ୮୭ କିଲୋଗ୍ରାମ ଏବଂ କ୍ଲିନ୍ ଆଣ୍ଡ ଜର୍କ ୧୧୧ କିଲୋଗ୍ରାମ) ଓଜନ ଉଠାଇ ରୌପ୍ୟ ସଫଳତା ହାସଲ କରିଛନ୍ତି । ସେ ଉତର କୋରିଆର ଗୋଲ୍ଡ ମେଡାଲିଷ୍ଟ ରି ବାଦ ଏସିଆନ ଗେମ୍ସରେ ଭାରତତୋଳନ ମେଡାଲ ହାସଲ କରିଛନ୍ତି । ଏହି ଏସିଆନ ଗେମ୍ସରେ ଚାନୁଙ୍କର ଏହା ପ୍ରଥମ ପଦକ । ଭାରତ ୨୮ ବର୍ଷ ପରେ ଏସିଆନ ଗେମ୍ସ ଭାରତୋଳନରେ ପଦକ ଜିତିଛି । ଗତ ସିଜିନରେ ସେ ଚତୁର୍ଥ ସ୍ଥାନରେ ରହିଥିଲେ । ଚାନୁ ଅଲମ୍ପିକରେ ରୌପ୍ୟ ପଦକ, କମନୱେଲ୍ଥ ଗେମ୍ସରେ ୩ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ । ୨୮ ବର୍ଷ ପରେ ପଦକ ଜିତିଲା- ଏସିଆନ ଗେମ୍ସରେ ଭାରୋତୋଳନରେ ଭାରତର ଶେଷ ପଦକ ୧୯୯୮ ମସିହାରେ ଆସିଥିଲା । ୧୯୯୮ ବ୍ୟାଙ୍କକ ଏସୀୟ ଗେମ୍ସରେ କର୍ଣ୍ଣମ ମଲ୍ଲେଶ୍ୱରୀ ମହିଳା ୬୩ କିଲୋଗ୍ରାମ ଇଭେଂଟରେ ରୌପ୍ୟ ପଦକ ଜିତିଥିଲେ । ପରବର୍ତ୍ତୀ ୨୮ ବର୍ଷ ମଧ୍ୟରେ ଭାରତ ଏସୀୟ ଗେମ୍ସରେ କୌଣସି ପଦକ ପାଇନଥିଲା । ଏବେ, ୨୦୨୬ ଜାପାନ ଏସୀୟ ଗେମ୍ସରେ, ମୀରାବାଈ ଚାନୁ ଶେଷରେ ସେହି ପଦକ ମରୁଡ଼ି ର ଅନ୍ତ କରିଛନ୍ତି । ମୀରାବାଈ ୨୦୨୦ ଟୋକିଓ ଅଲିମ୍ପିକରେ ରୌପ୍ୟ ପଦକ ବିଜେତା ଏବଂ ୨୦୨୬ ରାଜ୍ୟଗୋଷ୍ଠୀ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ଆସୁଥିଲେ । ଫଳସ୍ୱରୂପ, ତାଙ୍କୁ ଏସୀୟ ଗେମ୍ସ ସ୍ୱର୍ଣ୍ଣ ପଦକ ପାଇଁ ଜଣେ ଦୃଢ଼ ଦାବିଦାର ଭାବରେ ବିବେଚନା କରାଯାଉଥିଲା, କିନ୍ତୁ ଉତର କୋରିଆର ଆଥଲେଟ୍ ରି ସୋଙ୍ଗ୍ ଗମ୍ ଆରମ୍ଭରୁ ଇଭେଂଟରେ ପ୍ରାଧାନ୍ୟ ବିସ୍ତାର କରିଥିଲେ । ମୀରାବାଈ ଚାନୁ ଏସୀୟ କ୍ରୀଡ଼ାର ସ୍ନାଚ୍ ରାଉଣ୍ଡରେ ୮୭ କିଲୋଗ୍ରାମ ଓଜନ ଉଠାଇଥିଲେ । ସ୍ନାଚ୍ ରାଉଣ୍ଡ ପରେ ସେ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଉତର କୋରିଆର ରି ସଙ୍ଗ ଗମ୍ ୯୪ କିଲୋଗ୍ରାମ ଓଜନ ଉଠାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଉତର କୋରିଆର ଆଥଲେଟ୍ କ୍ଲିନ୍ ଆଣ୍ଡ ଜର୍କରେ ମଧ୍ୟ ପ୍ରାଧାନ୍ୟ ବିସ୍ତାର କରି ସ୍ୱର୍ଣ୍ଣ ପଦକ ଜିତିଥିଲେ । ଭାରତ ଖାତାରେ ୧୧ ପଦକ- ଚଳିତ ଏସିଆନ୍ ଗେମ୍ସରେ ସମୟ ସରିବା ସହ ବିଭିନ୍ନ ଇଭେଂଟରେ ଭାରତର ପ୍ରଦର୍ଶନ ଦେଖିବାକୁ ମିଳିଛି । ଭାରତ ଖାତରେ ମୋଟ୍ ୧୧ ପଦକ ରହିଛି । ଭାରତ ପାଖରେ ୧ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ରହିଛି । ପଦକ ତାଲିକାରେ ଅଷ୍ଟମ ସ୍ଥାନରେ ରହିଛି ଭାରତ । ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଂଟରେ ମନୁ ଭାକର ପଦକରୁ ବଂଚିତ ରହିଛନ୍ତି । ଟିମ୍ ଇଭେଂଟରେ ଭାରତ ଚତୁର୍ଥ ସ୍ଥାନରେ ରହିଛି । ସେହିପରି ମହିଳା ହକି ଟିମ୍ ଥାଇଲାଣ୍ଡ ବିପକ୍ଷରେ ବିରାଟ ବିଜୟ ହାସଲ କରିଛି । ୨୦-୧ ଗୋଲରେ ଥାଇଲାଣ୍ଡକୁ ପରାସ୍ତ କରିଛି ମହିଳା ହକି ଦଳ । ସେହିପରି ପୁରୁଷ କବାଡ଼ିରେ ଗ୍ରୁପ ଷ୍ଟେଜର ତୃତୀୟ ମ୍ୟାଚରେ ବାଂଲାଦେଶକୁ ପରାସ୍ତ କରିଛି ଭାରତ । ଆସନ୍ତାକାଲି ଚୀନ ବିପକ୍ଷରେ ପରବର୍ତ୍ତୀ ମ୍ୟାଚ୍ ଖେଳିବ ଭାରତ ।

## ଆଇପିଏଲ ଟିମ୍ ଚେନ୍ନାଇ ସୁପର କିଙ୍ଗସରେ ଫିକ୍ସିଂ ଝଡ଼



ନୂଆଦିଲ୍ଲୀ, ୨୩/୯(ନ୍ୟୁ.ଏ): ପୁଣି ଆଇପିଏଲରେ ଫିକ୍ସିଂ ଝଡ଼ । ୫ଥର ଆଇପିଏଲ ଟ୍ରଫି ଜିତିଥିବା ଚେନ୍ନାଇ ସୁପର କିଙ୍ଗସକୁ ଦୋହଲାଇ ଦେଇଛି ଟିମର ତଥ୍ୟ ଲିକ ଓ ସମ୍ଭାବ୍ୟ ମ୍ୟାଚ୍ ଫିକ୍ସିଂ । ଏଥିପାଇଁ ସିଏସକେ ଅଧିକାରୀମାନେ ଜରୁରୀ ବୈଠକ ଡାକିଛନ୍ତି । ଏହି ବୈଠକରେ ଦଳ ନିଜର ଆଗାମୀ ରଣନୀତି ପ୍ରସ୍ତୁତ କରିବ ବୋଲି ଜଣାପଡ଼ିଛି । ତେହେଲକା ପକ୍ଷରୁ ନିକଟରେ ହୋଇଥିବା ଷ୍ଟିଙ୍ଗ ଅପରେସନ ବେଳେ ସିଏସକେକୁ ନେଇ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି । ଏଥିରେ ଦାବି କରାଯାଇଛି ଯେ ଚେନ୍ନାଇ ସୁପର କିଙ୍ଗସର ଜଣେ ଖେଳାଳି ଟିମ ସହ ଜଡ଼ିତ ଭିତିରି କଥା ସମସ୍ତଙ୍କ ଅଜଣାତରେ ଲିକ କରିଥିଲେ । ଜଣେ ପୂର୍ବତନ ଘରୋଇ କ୍ରିକେଟରଙ୍କୁ ସେ ଏହି ତଥ୍ୟ ଦେଉଥିଲେ । ଏହାକୁ ପୂର୍ବତନ କ୍ରିକେଟର ଜଣଙ୍କ ଲଣ୍ଡନ ଭିତିକ ବୁକିମାନଙ୍କୁ ମ୍ୟାଚ୍ ପିଛା ୬୦ ଲକ୍ଷ ଟଙ୍କାରେ ବିକ୍ରି କରିଥିଲେ । ଏପରି ତଥ୍ୟ ସାମ୍ନାକୁ ଆସିବା ପରେ ହଇଚଇ ସୃଷ୍ଟି ହୋଇଛି । ଏଥିପାଇଁ ଆସନ୍ତା ୨୫ରେ ସିଏସକେ ବୋର୍ଡ ଅଧିକାରୀମାନେ ବୈଠକ କରିବେ । ଟିମରେ ଚାଲିଥିବା ଏପରି ଦୁର୍ନୀତି କାର୍ଯ୍ୟକଳାପ ସମ୍ପର୍କରେ ବୈଠକରେ ଆଲୋଚନା ହେବ । ସିଏସ୍‌କେର ଜଣେ ଅଧିକାରୀ କହିଛନ୍ତି, "ଆଗାମୀ ଦିନରେ ଆମର ବାର୍ଷିକ ସାଧାରଣ ପରିଷଦ ବୈଠକ ହେବ । ଆମ ବୋର୍ଡ ଏହା ପୂର୍ବରୁ ଆଲୋଚନା କରିବ । ଆମେ ଏହି ପ୍ରସଙ୍ଗ ସେଠାରେ ଆଲୋଚନା କରିବୁ ।" ମାତ୍ର ୬ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିବା ପୂର୍ବତନ କ୍ରିକେଟର ଜଣଙ୍କ ହେଲେ ରଚିତ ଭାଟିଆ । ତେହେଲକା କରିଥିବା ଷ୍ଟିଙ୍ଗରେ ରଚିତ ଦାବି କରିଛନ୍ତି ଯେ ୨୦୨୫ରେ ସେ ଆଇପିଏଲର ୫ଟି ମ୍ୟାଚ୍‌କୁ ଫିକ୍ସ କରିଥିଲେ । ଚେନ୍ନାଇ ସୁପର କିଙ୍ଗସର ଟିମ ତଥ୍ୟକୁ ଲଣ୍ଡନ ଭିତିକ ବୁକିମାନଙ୍କୁ ସେ ପଠାଉଥିଲେ । ତେହେଲକାର ଜଣେ ଅଣ୍ଡରକଭର ରିପୋର୍ଟରଙ୍କୁ ରଚିତ କହିଛନ୍ତି ଯେ ବିଧିବଦ୍ଧ ଭାବେ ଚେନ୍ନାଇ ସୁପର କିଙ୍ଗସ ଚୂଡ଼ାନ୍ତ ଏକାଦଶର ଖେଳାଳିଙ୍କ ନାଁ ଘୋଷଣା ହେବା ପୂର୍ବରୁ ସେ ଜଣେ ସଦସ୍ୟଙ୍କ ଜରିଆରେ ଏହାକୁ ହାସଲ କରୁଥିଲେ । ଏହାପରେ ସ୍ନାପଚାଟ ଜରିଆରେ ବୁକିମମାନଙ୍କୁ ପଠାଉଥିଲେ । ସେ କହିଛନ୍ତି, "ମୁଁ ୨୦୨୫ ଆଇପିଏଲର ୫ଟି ମ୍ୟାଚ୍ ଫିକ୍ସ କରିଛି । ମ୍ୟାଚ ପିଛା ମୋତେ ୬୦ ଲକ୍ଷ ଟଙ୍କା ଏପରି ୫ ମ୍ୟାଚ୍‌ରୁ ୩ କୋଟି ମିଳିଛି ।" ରଚିତ ଭାଟିଆ ଆହୁରି ଦାବି କରିଛନ୍ତି ଯେ ୨୦୧୮-୧୯ ସୟିଦ ମୁଷ୍ତାକ ଅଲୀ ଟ୍ରଫି ସମୟରେ ସେ ନିଜେ ସଟ ଫିକ୍ସିଂ କରିଥିଲେ । ସେ ଜାଣିଶୁଣି ୨ଟି ୱାଇଡ ବଲ ପକାଇଥିଲେ । ଏଥିପାଇଁ ବଲ ପିଛା ତାଙ୍କୁ ୮ ଲକ୍ଷ ଟଙ୍କା ଲେଖାଏ ମିଳିଥିଲା । ତେବେ ତାଙ୍କର ଏହି ଦାବି ଉପରେ ବିସିସିଆଇ, ଆଇସିସି, ପୁଲିସ କିମ୍ବା କୋର୍ଟ ଦ୍ୱାରା ନିଶ୍ଚିତ ହୋଇନି । ରଚିତ କହିଛନ୍ତି ଯେ ସେ ଚେନ୍ନାଇର ମ୍ୟାଚ୍ ପୂର୍ବରୁ ଚୂଡ଼ାନ୍ତ ଏକାଦଶର ତଥ୍ୟ ଜଣେ ଦିଲ୍ଲୀ ଭିତିକ ଖେଳାଳିଙ୍କ ଠାରୁ ହାସଲ କରିବାର ଥିଲା । ସେହିପରି ସେ ୨୦୨୬ରେ ଆଇପିଏଲରେ ମଧ୍ୟ ମ୍ୟାଚ୍ ଫିକ୍ସ କରିବାରେ ସହଯୋଗ କରିଥାଆନ୍ତେ । କିନ୍ତୁ ସେହି ଖେଳାଳି ଜଣଙ୍କ ଅକ୍ସନ ବେଳେ କିଣା ହୋଇ ପାରି ନଥିଲେ । ନିଜ ଖୁଲାସାରେ ପୂର୍ବତନ କ୍ରିକେଟର ଜଣଙ୍କ ଆହୁରି ଦାବି କରିଛନ୍ତି ଯେ ସେମାନଙ୍କ ସୂତ୍ର ଦିଲ୍ଲୀ ପ୍ରିମିୟର ଲିଗ୍‌ରେ ଭାଗ ନେଇଥିବା ଗୋଟିଏ ଟିମ ସହ ଜଡ଼ିତ ଗୁପ୍ତ ତଥ୍ୟ ଦେଇଥିଲେ । ଚଳିତ ବର୍ଷ ଅଗଷ୍ଟ ୩ରେ ଖେଳା ଯାଇଥିବା ମ୍ୟାଚ୍ ସହ ଏହି ତଥ୍ୟ ଜଡ଼ିତ ଥିଲା । ଡିଡିସିଏ କାହା ନାଁ ନେଇ ନଥିଲେ ହେଁ ଅଭିଯୋଗକୁ ବିଚାରକୁ ନେଇଥିବା କହିଥିଲା । ଏହାପରେ ଡିଡିସିଏ ଅଭିଯୋଗକୁ ଭିତିହୀନ ଓ ନିରାଧାର ବୋଲି କହିଛି । ସେହିପରି ଷ୍ଟିଙ୍ଗ ଅପରେସନରେ ତଥ୍ୟ ଲିକ କରିଥିବା ଚେନ୍ନାଇ ସୁପର କିଙ୍ଗସର ଖେଳାଳିଙ୍କ ନାଁ ସାର୍ବଜନୀନ କରାଯାଇ ନାହିଁ । ଆଉ ଏକ ରିପୋର୍ଟରେ ଦାବି କରାଯାଇଛି ଯେ ୱିକେଟ କିପର ବ୍ୟାଟର ବାଂଶ ବେଦୀଙ୍କୁ ହେରଫେର କରିବା ଉଦ୍ଦେଶ୍ୟରେ ଯୋଗାଯୋଗ କରାଯାଇଥିଲା । କିନ୍ତୁ ସେ ବେଶ ଚତୁରତାର ସହ ଦୁର୍ନୀତି ନିରୋଧ ପ୍ରୋଟକଲକୁ ଅନୁସରଣ କରିଥିଲେ । ତେବେ ବେଦୀ ନିଜ ଇନଷ୍ଟାଗ୍ରାମରେ ଏହା ଉପରେ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ ତାଙ୍କୁ କେହି ବି ଫିକ୍ସିଂ ପାଇଁ ତଥ୍ୟ ଲିକ ପାଇଁ ଯୋଗାଯୋଗ କରି ନଥିଲେ । ସେ କହିଛନ୍ତି, "ତେହେଲକା ଷ୍ଟିଙ୍ଗ ଅପରେସନରେ ପୂର୍ବତନ ରଣଜୀ ଖେଳାଳି ରଚିତ ଭାଟିଆ ଇଙ୍ଗିତ କରୁଥିବା ଖେଳାଳି ମୁଁ ନୁହେଁ । ସେହିପରି ସେଭଳି କୌଣସି କାମରେ ମୁଁ ଆଦୌ ଲିପ୍ତ ନାହିଁ ।"

## ଉଶୁ ଫାଇନାଲରେ ଭାରତର ରୋଶିବୀଣା ଦେବୀ



ନୂଆଦିଲ୍ଲୀ, ୨୩/୯(ନ୍ୟୁ.ଏ): ଏସିଆନ ଗେମ୍ସ ୨୦୨୬ରେ କମାଲ କରିଛନ୍ତି ଭାରତର ରୋଶିବୀଣା ଦେବୀ । ସେ ଚାଇନିଜ ସମରକଳା ବା ଉଶୁର ୬୦ କେଜି ମହିଳା ବର୍ଗର ଫାଇନାଲରେ ପ୍ରବେଶ କରିଛନ୍ତି । ଫାଇନାଲରେ ପ୍ରବେଶ କରି ସେ ଭାରତ ପାଇଁ ଅତିକମରେ ରୌପ୍ୟ ପଦକ ନିଶ୍ଚିତ କରିଛନ୍ତି । ତଥାପି ତାଙ୍କ ପାଖରେ ଏବେ ବି ସ୍ୱର୍ଣ୍ଣ ପଦକ ଜିତିବାର ସମ୍ଭାବନା ରହିଛି । ସେ ଆଜି ଇଣ୍ଡୋନେସିଆର ତାନିଆ କେଲ୍ଲୁ ୨-୦ରେ ହରାଇ ଦେଇଛନ୍ତି । ୨୫ ବର୍ଷୀୟ ରୋଶିବୀଣା ଦେବୀ ଏସିଆନ ଗେମ୍ସର ଭାରତୀୟ ସ୍କ୍ୱାଡରେ ନଥିଲେ । କିନ୍ତୁ ଦିବ୍ୟାଂଶି ଆହତ ହେବା କାରଣରୁ ରୋଶିବୀଣାଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଥିଲା । ଏବେ ସେ ଫାଇନାଲରେ ପ୍ରବେଶ କରି ଦେଶକୁ ଗୌରବାନ୍ୱିତ କରିଛନ୍ତି । ୨୦୨୩ ଚାଇନାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ମଧ୍ୟ ରୋଶିବୀଣା ଦେଶ ପାଇଁ ରୌପ୍ୟ ପଦକ ଜିତିଥିଲେ । ଏବେ ସେ ପୁଣି ଫାଇନାଲରେ ପ୍ରବେଶ କରି ଦେଶ ପାଇଁ ଅତିକମରେ ରୌପ୍ୟ ପଦକ ନିଶ୍ଚିତ କରିଛନ୍ତି । ଫାଇନାଲରେ ତାଙ୍କର ମୁକାବିଲା ଚାଇନାର ଝାଙ୍ଗ ଜିଆୟୁଙ୍କ ସହ ହେବ । ଗୁରୁବାର ଭାରତୀୟ ସମୟ ସକାଳ ୬.୧୦ରେ ସ୍ୱର୍ଣ୍ଣ ପଦକ ମ୍ୟାଚ୍ ଖେଳାଯିବାର ଅଛି । ରୋଶିବୀଣା କ୍ରମାଗତ ତୃତୀୟ ଥର ପାଇଁ ଏସିଆନ ଗେମ୍ସରେ ପଦକ ପକ୍କା କରିଛନ୍ତି । ୨୦୧୮ରେ ସେ କାଂସ୍ୟ ଓ ୨୦୨୩ରେ ରୌପ୍ୟ ପଦକ ପାଇଥିଲେ । ୨୦୦୦ ମସିହା ଡିସେମ୍ବର ୩୦ରେ ମଣିପୁରର ବିଷ୍ଣୁପୁର ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିବା ରୋଶିବୀଣା ଦେବୀ ଭାରତୀୟ ଉଶୁର ଜଣେ ପ୍ରତିଷ୍ଠିତ ଖେଳାଳି । ପ୍ରଥମେ ସେ ନିଜର ଜଲୱା ୨୦୧୮ ଜାକାର୍ତ୍ତା ସ୍ଥିତ ଏସିଆନ ଗେମ୍ସରେ ଦେଖାଇଥିଲେ । ୬୦ କେଜି ସାଣ୍ଡା ବର୍ଗରେ ଲଢ଼େଇ କରିଥିଲେ । ସେ କ୍ୱାର୍ଟର ଫାଇନାଲରେ ପାକିସ୍ତାନର ମୁବାଶ୍ରା ଅଖତରଙ୍କୁ ହରାଇ ନିଜ ପାଇଁ ପଦକ ପକ୍କା କରିଥିଲେ । ସେମି ଫାଇନାଲରେ ସେ ଚାଇନାର କାଇ ୟିଙ୍ଗୟିଙ୍ଗ ଠାରୁ ପରାସ୍ତ ହେବାରୁ ତାଙ୍କୁ କାଂସ୍ୟ ପଦକରେ ହିଁ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା । ତେବେ ଏହାର ୫ ବର୍ଷ ପରେ ସେ ୨୦୨୩ ଏସିଆନ ଗେମ୍ସରେ ରୋଶିବୀଣା ଦେବୀ ଦମଦାର ପ୍ରଦର୍ଶନ କରି ନିଜ କାଂସ୍ୟ ପଦକକୁ ରୌପ୍ୟକୁ ବଦଳାଇଥିଲେ । ଏଥର ସେ ସ୍ୱର୍ଣ୍ଣ ଉପରେ ନଜର ରଖିଛନ୍ତି । ୨୦୨୩ରେ ଭାରତ ସରକାର ତାଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରିଥିଲେ ।

## ଓଡ଼େସାରେ ମାଲବାହୀ ଜାହାଜ ଉପରେ ରୁଷର ଆକ୍ରମଣ, କ୍ୟାପ୍ଟେନ୍ ମୃତ

କିଭ୍, ୨୩/୯(ନ୍ୟୁ.ଏ): ୟୁକ୍ରେନ୍‌ର ଦକ୍ଷିଣ ଓଡ଼େସା ଅଂଚଳରେ ବୁଧବାର ରୁଷର ଆକ୍ରମଣରେ ଏକ ବାଣିଜ୍ୟିକ ମାଲବାହୀ ଜାହାଜର କ୍ୟାପ୍ଟେନ୍‌ଙ୍କ ମୃତ୍ୟୁ ହୋଇଛି । ଜାହାଜଟି ଆଂଟିଗୁଆ ଓ ବାର୍ବୁଡାର ପତାକା ତଳେ କୃଷ୍ଣ ସାଗରରେ ଯାଉଥିବା ବେଳେ ଏହା ଉପରେ ରୁଷ୍ ସେନା ଆକ୍ରମଣ କରିଥିଲା ବୋଲି ୟୁକ୍ରେନ୍‌ର ଅଧିକାରୀମାନେ କହିଛନ୍ତି । କ୍ୟାପ୍ଟେନ୍ ଜଣେ ୟୁକ୍ରେନୀୟ ନାଗରିକ ବୋଲି ଓଡ଼େସା ଅଂଚଳର ମୁଖ୍ୟ ଓଲେଗ୍ କିପର କହିଛନ୍ତି । ୟୁକ୍ରେନ୍ ସି ପୋର୍ଟସ୍ ଅଥରିଟି ଅନୁସାରେ, ବୁଧବାର ରାତିରେ ଜାହାଜଟି ଉପରେ ଆକ୍ରମଣ ହୋଇଥିଲା । ଆକ୍ରମଣ ପରେ ଜାହାଜରେ ନିଆଁ ଲାଗିଯାଇଥିଲା । ଏଥିରେ କ୍ୟାପ୍ଟେନ୍‌ଙ୍କ ମୃତ୍ୟୁ ହୋଇଥିବା ବେଳେ ଜାହାଜର ଅନ୍ୟ କର୍ମଚାରୀମାନଙ୍କୁ ୟୁକ୍ରେନ୍ ନୌସେନା ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା । ପରେ ଜାହାଜରେ ଲାଗିଥିବା ନିଆଁକୁ ମଧ୍ୟ ଲିଭାଇ ଦିଆଯାଇଛି । ଏହି ଆକ୍ରମଣରେ କେବଳ ଜାହାଜ ନୁହେଁ, ଓଡ଼େସା ଅଂଚଳର ବନ୍ଦର ଓ ବେସାମରିକ ଭିତିଭୂମି ମଧ୍ୟ ପ୍ରଭାବିତ ହୋଇଛି । ଓଲେଗ୍ କିପରଙ୍କ ସୂଚନା ଅନୁସାରେ, ଔଷଧ, ଘରୋଇ ସାମଗ୍ରୀ ଓ ଖାଦ୍ୟ ଗୋଦାମଗୁଡ଼ିକ ଉପରେ ମଧ୍ୟ ଦୁଇଥର ଆକ୍ରମଣ ହୋଇଥିଲା । ରୁଷ୍-ୟୁକ୍ରେନ୍ ଯୁଦ୍ଧ ମଧ୍ୟରେ କୃଷ୍ଣ ସାଗରରେ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ବଢ଼ିଥିବା କୁହାଯାଉଛି । ବେସାମରିକ ଜାହାଜ ଉପରେ ଆକ୍ରମଣ ବନ୍ଦ କରିବା ପାଇଁ ତୁର୍କୀ ରୁଷ୍ ଓ ୟୁକ୍ରେନ୍‌କୁ ପ୍ରସ୍ତାବ ଦେଇଥିବା ସତ୍ତ୍ୱେ ଏ ନେଇ ଦୁଇ ଦେଶ ମଧ୍ୟରେ କୌଣସି ଚୁକ୍ତି ହୋଇନାହିଁ ।

## ଅମ୍ବାନୀଙ୍କୁ ପଛରେ ପକାଇ ଆଦାନୀ ଏକ ନମ୍ବର ଧନୀ

ନୂଆଦିଲ୍ଲୀ:, ୨୩/୯(ନ୍ୟୁ.ଏ): ଭାରତର ସବୁଠୁ ଧନୀ ବ୍ୟକ୍ତିଙ୍କ ମୁକୁଟ ପୁଣି ଥରେ ଆଦାନୀ ଗ୍ରୁପ୍‌ର ମୁଖ୍ୟ ଗୌତମ ଆଦାନୀ ହାସଲ କରିଛନ୍ତି । ଏମ୍‌୩ଏମ୍ ହୁରୁନ ଭାରତୀୟ ଧନୀ ତାଲିକା ୨୦୨୬ ଅନୁସାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମୁଖ୍ୟ ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇ ଆଦାନୀ ଦେଶର ଏକ ନମ୍ବର ଧନୀ ହୋଇଛନ୍ତି । ଆଦାନୀ ପରିବାରର ମୋଟ ସମ୍ପତି ୯.୨୩ ଲକ୍ଷ କୋଟି ଟଙ୍କା ରହିଛି । ଗତ ବର୍ଷ ତାଲିକାରେ ମୁକେଶ ଅମ୍ବାନୀ ଓ ପରିବାର ୯.୫୫ ଲକ୍ଷ କୋଟି ଲକ୍ଷ କୋଟି ଟଙ୍କାର ସମ୍ପତି ସହ ଏକ ନମ୍ବରରେ ଥିଲେ । ସେତେବେଳେ ଗୌତମ ଆଦାନୀ ଓ ପରିବାରର ସମ୍ପତି ୮.୧୫ ଲକ୍ଷ କୋଟି ଟଙ୍କା ଥିଲା । କିନ୍ତୁ ଫର୍ବ୍ସ ଇଣ୍ଡିଆର ଭାରତୀୟ ଧନୀ ତାଲିକା ୨୦୨୬ରେ ମୁକେଶ ଅମ୍ବାନୀ ୮,୬୭,୬୨୪ କୋଟି ଟଙ୍କାର ସମ୍ପତି ସହ ପ୍ରଥମ ଓ ଗୌତମ ଆଦାନୀ ୮,୫୨,୧୦୪ କୋଟି ଟଙ୍କାର ସମ୍ପତି ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ବ୍ଲୁମବର୍ଗ ବିଲିଓନେୟାର ସୂଚୀ ୨୦୨୬ରେ ଆଦାନୀଙ୍କ ସମ୍ପତି ପ୍ରାୟ ୧୦ ବିଲିୟନ ଡଲାର ଓ ଅମ୍ବାନୀଙ୍କ ପ୍ରାୟ ୮୦.୯ ବିଲିଅନ ଡଲାର ରହିଛି । ହୁରୁନ ଅନୁଯାୟୀ, ୨୦୨୬ ତାଲିକାରେ ୩୯୧ ଜଣ ବିଲିଓନେୟାର ସାମିଲ ହୋଇଛନ୍ତି । ଏଆଇ ଓ କ୍ୱାଂଟମ୍ କମ୍ପ୍ୟୁଟିଂ ଭଳି ନୂଆ କ୍ଷେତ୍ର ମଧ୍ୟ ନୂଆ ସମ୍ପତି ସୃଷ୍ଟିର କେନ୍ଦ୍ର ଭାବେ ଉଭା ହୋଇଛି । ଆଦାନୀଙ୍କ ବ୍ୟବସାୟ ସାମ୍ରାଜ୍ୟ ବନ୍ଦର, ବିମାନବନ୍ଦର, ବିଦ୍ୟୁତ୍, ଗ୍ରୀନ୍ ଏନର୍ଜି, ଲଜିଷ୍ଟିକ୍ସ ଓ ଅନ୍ୟାନ୍ୟ ଭିତିଭୂମି କ୍ଷେତ୍ରରେ ବ୍ୟାପିଛି ।

## ଜାତିସଂଘରେ ପାକିସ୍ତାନର ମୁଖା ଖୋଲିଲେ କାଶ୍ମୀରୀ ମହିଳା



ଜେନେଭା, ୨୩/୯(ନ୍ୟୁ.ଏ): ଜମ୍ମୁ-କାଶ୍ମୀର ବାରମୁଲାର ଜଣେ ମହିଳା ଅନ୍ତର୍ଜାତୀୟ ସ୍ତରରେ ପାକିସ୍ତାନ- ଅଧିକୃତ କାଶ୍ମୀର(ପିଓକେ)ର ଲୋକଙ୍କ ଦୁଃଖ ବଖାଣିବା ସହିତ ପାକିସ୍ତାନର ଅସଲ ମୁଖା ଖୋଲିଛନ୍ତି । ଜେନେଭାରେ ଅନୁଷ୍ଠିତ ଜାତିସଂଘ ମାନବାଧିକାର ପରିଷଦର ୬୩ତମ ଅଧିବେଶନରେ ପିଓକେରେ ପ୍ରତିବାଦ ଉପରେ ଇସଲାମାବାଦର ଦମନଲୀଳା ବିରୋଧରେ ବକ୍ତବ୍ୟ ରଖି ଅଖତର ପାକିସ୍ତାନକୁ ତୀବ୍ର ଭର୍ତ୍ସନା କରିଛନ୍ତି । ତସଲିମା ଅଖତାର ଗଣମାଧ୍ୟମ ସହିତ କଥାବାର୍ତ୍ତାରେ କହିଛନ୍ତି ଯେ, ସେ ସ୍ପଷ୍ଟ ଭାବରେ କହିବାକୁ କିମ୍ବା ପାକିସ୍ତାନର ମିଥ୍ୟା କାହାଣୀକୁ ଚ୍ୟାଲେଞ୍ଜ କରିବାକୁ ଭୟ କରୁ ନଥିଲେ । ତସଲିମା ଅଖତର ଜଣେ ସାମାଜିକ-ରାଜନୈତିକ କର୍ମୀ, ସେ କାଶ୍ମୀର ଆତଙ୍କବାଦୀ ପୀଡ଼ିତ ସଂଘ (ଏଟିଭିକେ) ସହିତ ଜଡ଼ିତ । ଜେନେଭାରେ ଜାତିସଂଘ ମାନବାଧିକାର ପରିଷଦର ସାଧାରଣ ପରିଷଦକୁ ସମ୍ବୋଧିତ କରି ସେ ପିଓକେରେ ମାନବାଧିକାର ସ୍ଥିତି ଉପରେ ଚିନ୍ତା ପ୍ରକଟ କରିଥିଲେ, ପାକିସ୍ତାନୀ ସୁରକ୍ଷା ବାହିନୀ ଉପରେ ଅଭିଯୋଗ କରିଥିଲେ ଯେ, ସେମାନେ ଶାନ୍ତିପୂର୍ଣ୍ଣ ଭାବରେ ମୌଳିକ ଅଧିକାର ଦାବି କରୁଥିବା ସାଧାରଣ ନାଗରିକଙ୍କ ଉପରେ ଗୁଳି ଚଳାଉଛନ୍ତି । ପ୍ରତ୍ୟେକ ହତ୍ୟାର ନିରପେକ୍ଷ ତଦନ୍ତ ହେବା ଉଚିତ । ଅଖତର କହିଛନ୍ତି, ପିଓକେକୁ ଆଜାଦ କାଶ୍ମୀର କହିବା ପାକିସ୍ତାନର ସବୁଠୁ ବଡ଼ ମିଥ୍ୟା । କୌଣସି ସ୍ୱାଧୀନ ରାଷ୍ଟ୍ରର ଲୋକମାନେ ସେମାନଙ୍କ ମୌଳିକ ଅଧିକାର ଦାବି କଲେ ସେମାନଙ୍କ ଉପରକୁ ଗୁଳି କରାଯାଏ ନାହିଁ । ପାକିସ୍ତାନ କେବେବି କାଶ୍ମୀରର ସ୍ୱାର୍ଥ ପାଇଁ ବାସ୍ତବରେ କିଛି କରେ ନାହିଁ । ପ୍ରଥମେ ଆତଙ୍କବାଦୀଙ୍କୁ ପଠାଇ ଜମ୍ମୁ-କାଶ୍ମୀରକୁ କବରସ୍ଥାନରେ ପରିଣତ କରିବାକୁ ଚେଷ୍ଟା କଲା ଓ ପରେ ପିଓକେରେ ନିରସ୍ତ୍ର ଆନ୍ଦୋଳନରେ ନିରୀହ ଲୋକଙ୍କୁ ହତ୍ୟା କରି ଏହାକୁ କବରସ୍ଥାନରେ ପରିଣତ କରିଛନ୍ତି ବୋଲି ଅଖତର କହିଛନ୍ତି । ନ୍ୟୁୟର୍କରେ ଅନୁଷ୍ଠିତ ଜାତିସଂଘ ସାଧାରଣ ପରିଷଦରେ ଅଖତାର କହିଛନ୍ତି ଯେ, ପିଓକେରେ ସମ୍ପ୍ରତି ଶାସନ ଓ ଅର୍ଥନୈତିକ ପ୍ରସଙ୍ଗ ଉପରେ ମିଳିତ ଆୱାମୀ କାର୍ଯ୍ୟ କମିଟି ଓ ନାଗରିକ ସମାଜ ଗୋଷ୍ଠୀମାନଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଜାରି ରହିଛି ଏବଂ ଏଗୁଡ଼ିକୁ କର୍ତ୍ତୃପକ୍ଷଙ୍କ କଠୋର ପ୍ରତିକ୍ରିୟାର ସମ୍ମୁଖୀନ ହେବାକୁ ପଡୁଛି ।

## ବେଙ୍ଗଲରେ ପୁଣି ନିର୍ବାଚନ ସହ ସିଇସି ଜ୍ଞାନେଶ କୁମାରଙ୍କ ଗିରଫ ଦାବି କଲେ ମମତା



କୋଲକାତା, ୨୩/୯(ନ୍ୟୁ.ଏ): ପଶ୍ଚିମବଙ୍ଗରେ ପୁଣି ବିଧାନସଭା ନିର୍ବାଚନ କରିବାକୁ ଦାବି କରିଛନ୍ତି ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ୨୦୨୬ରେ ଅନୁଷ୍ଠିତ ବିଧାନସଭା ନିର୍ବାଚନ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ ହେରଫେର କରାଯାଇଥିଲା । ସେ ନିର୍ବାଚନ ପରିଚାଳନା କରିବା ସହ ଭୋଟର ତାଲିକା ସଂଶୋଧନ ନାଁରେ ଏସ୍‌ଆଇଆର ଆୟୋଜନ କରିଥିଲେ । ସେ ନିର୍ବାଚନରେ ହେରଫେର କରିଥିବାରୁ ତାଙ୍କୁ ଗିରଫ କରାଯାଉ ଓ ତାଙ୍କ ବିରୋଧରେ ଅପରାଧିକ ମାମଲା ଚାଲୁ କରାଯାଉ ବୋଲି ମମତା ଦାବି କରିଛନ୍ତି । ଫେସବୁକ ଲାଇଭରେ ମମତା କହିଛନ୍ତି, "ବିଜେପି ଓ ଜ୍ଞାନେଶ କୁମାର ଗୋଟିଏ ଯୁଗ୍ମ ମାଲିକାନାର କମ୍ପାନୀ ଚଳାଉଛନ୍ତି । ସେମାନେ ମିଳିତ ଭାବେ ବେଙ୍ଗଲ ନିର୍ବାଚନକୁ ଲୁଟ କରିଛନ୍ତି । ଯଦି ସେମାନଙ୍କର ନୈତିକତା ରହିଛି, ତା'ହେଲେ ସେମାନେ ଆମ ନିର୍ବାଚନକୁ ଫେରାଇ ଦିଅନ୍ତୁ ।" ୨୦୨୬ରେ ବେଙ୍ଗଲରେ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେପି ବାଜିମାତ କରିଥିଲା । ୨୯୩ ଆସନ ବିଶିଷ୍ଟ ବେଙ୍ଗଲ ବିଧାନସଭାର ୨୦୭ ସିଟ ଦଖଲ କରି ବିଜେପି ୧୫ ବର୍ଷ ଧରି ଶାସନ କରୁଥିବା ମମତାଙ୍କ ଟିଏମସିକୁ ଗାଦିଚ୍ୟୁତ କରିବାକୁ ସକ୍ଷମ ହୋଇଥିଲା । ଟିଏମସି ୮୦ଟି ଆସନରେ ଜିତି ପାରିଥିଲା । ଏବେ ଟିଏମସି ମୁଖ୍ୟା ମମତା ନିଜର ପରାଜୟକୁ ପୁଣିଥରେ ଏସ୍‌ଆଇଆର ସହ ଯୋଡ଼ିଛନ୍ତି । ଏସ୍‌ଆଇଆର ପ୍ରକ୍ରିୟା ବିଜେପିକୁ ନିର୍ବାଚନରେ ସହାୟତା କରିଥିଲା ବୋଲି ସେ ଦମ୍ଭୋକ୍ତି କରିଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଓ ବିଜେପି ମିଳିତ ଭାବେ କାମ କରିଥିଲେ । ନିର୍ବାଚନ କମିଶନ ନିର୍ବାଚନ ପ୍ରକ୍ରିୟା ବେଳେ ବିଜେପିକୁ ସହାୟତା ଯୋଗାଇ ଦେଇଥିଲେ । ଏସ୍‌ଆଇଆରକୁ ସ୍କେଣ୍ଡାଲ ଇନସେନଟିଭ ଫର ରୁଲିଂ ପାର୍ଟି ଭାବେ ଆଖ୍ୟା ଦେଇ ମମତା କହିଛନ୍ତି "ନିର୍ବାଚନ କମିଶନର ବିଜେପିର ସବୁ ବେଆଇନ କାମକୁ ସୁରକ୍ଷା ଯୋଗାଇ ଦେଇଥିଲେ । ଏବେ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଗିରଫ କରାଯାଉ । ସେ ଏହି ପଦରେ ରହିବାର କୌଣସି ନୈତିକ ଅଧିକାର ରଖି ନାହାନ୍ତି ।" ଏସ୍‌ଆଇଆର ଯୋଗୁ ବେଙ୍ଗଲ ଭୋଟର ତାଲିକାରୁ ପ୍ରାୟ ୧୦% ବା ୭୯ ଲକ୍ଷ ଭୋଟର ବାଦ ପଡ଼ିଥିଲେ । ୨୦୨୪ ଲୋକସଭା ଓ ୨୦୨୬ ବିଧାନସଭା ନିର୍ବାଚନ ମଧ୍ୟରେ ଏତେ ସଂଖ୍ୟକ ଭୋଟର ବାଦ ପଡ଼ିବାକୁ ନେଇ ବିବାଦ ଲାଗି ରହିଛି । ଏବେ ମମତା ବାନାର୍ଜୀ ଏସ୍‌ଆଇଆର ପରେ ହୋଇଥିବା ସମସ୍ତ ରାଜ୍ୟର ସାନି ବିଧାନସଭା ନିର୍ବାଚନ ପାଇଁ ଦାବି କରିଛନ୍ତି । ସେ କହିଛନ୍ତି, "ଜ୍ଞାନେଶ କୁମାରଙ୍କ ଏକମାତ୍ର କାମ ହେଲା ବିଜେପିର ଅହଂକାରକୁ ସନ୍ତୁଷ୍ଟ କରିବା । ବିଜେପି ୨୦୨୪ ଲୋକସଭା ନିର୍ବାଚନ ଠାରୁ ଆରମ୍ଭ କରି ଏହାପରେ ହୋଇଥିବା ସମସ୍ତ ନିର୍ବାଚନ ଜ୍ଞାନେଶ କୁମାରଙ୍କ ପାଇଁ ଜିତିଛି । ଯେଉଁ ପର୍ଯ୍ୟନ୍ତ ଜ୍ଞାନେଶ କୁମାର ପଦବୀରେ ରହିଛନ୍ତି ସେପର୍ଯ୍ୟନ୍ତ ଆମେ ଆନ୍ଦୋଳନ କରୁବୁ । ସମସ୍ତ ଇଣ୍ଡିଆ ବ୍ଲକ ସଦସ୍ୟ ବିରୋଧ କରିବେ ।" ନିର୍ବାଚନ କମିଶନ ଚଳାଇଥିବା ମନମାନୀ ବିରୋଧରେ ରଣନୀତି ପ୍ରସ୍ତୁତ କରିବାକୁ ଇଣ୍ଡିଆ ବ୍ଲକ ସଦସ୍ୟମାନେ ଖୁବଶୀଘ୍ର ବୈଠକ କରିବେ ବୋଲି ମଧ୍ୟ ମମତା ସୂଚନା ଦେଇଛନ୍ତି । ଜ୍ଞାନେଶ କୁମାରଙ୍କ ବିରୋଧରେ ବିରୋଧୀ ଆଣିଥିବା ମହାଭିଯୋଗ ପ୍ରସ୍ତାବ ସମ୍ପର୍କରେ ମମତା କହିଛନ୍ତି, "ସେମାନେ ଆମ ମହାଭିଯୋଗ ପ୍ରସ୍ତାବକୁ ଅନୁମତି ଦେଇ ନଥିଲେ । କିନ୍ତୁ ଏବେ ଆଉ ମହାଭିଯୋଗ ପ୍ରସ୍ତାବ ଦରକାର ନାହିଁ । ଏବେ ଜ୍ଞାନେଶ କୁମାରଙ୍କୁ ଗିରଫ କରାଯାଉ । ଏବେ ନ୍ୟାୟ ପାଳିକା ସାଧାରଣ ଲୋକଙ୍କ ସ୍ୱର ଶୁଣନ୍ତୁ ।" ଜ୍ଞାନେଶ କୁମାରଙ୍କ ବିରୋଧରେ ବିରୋଧୀ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କ ହସ୍ତକ୍ଷେପ ଲୋଡ଼ିଥିବା ମମତା କହିଛନ୍ତି ।

## ରୁଷ ତେଲ କିଣା ବନ୍ଦ ହେବନି: ସୀତାରମଣ



ନୂଆଦିଲ୍ଲୀ, ୨୩/୯(ନ୍ୟୁ.ଏ): ରୁଷରୁ ଅଶୋଧିତ ତେଲ କିଣିବା ନେଇ ଭାରତ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ନିଜର ଆବଶ୍ୟକତା ଓ ଆର୍ଥିକ ସ୍ୱାର୍ଥକୁ ପ୍ରାଥମିକତା ଦିଆଯିବ । ଯେଉଁଠାରୁ ତେଲ ଉପଲବ୍ଧ ହେବ ଓ ଅର୍ଥନୈତିକ ଭାବେ ଉପଯୁକ୍ତ ମନେ ହେବ, ଭାରତ ସେଠାରୁ ତେଲ କିଣିବ । ସୀତାରମଣ କହିଛନ୍ତି, ଭାରତର ୧୪୦ କୋଟି ନାଗରିକଙ୍କ ଶକ୍ତି ଆବଶ୍ୟକତା ପୂରଣ ପାଇଁ ତେଲ ଯୋଗାଣର ଏକାଧିକ ଉତ୍ସ ରହିବା ଜରୁରୀ । ରୁଷରୁ ତେଲ ଆମଦାନି ବନ୍ଦ କରି ଅନ୍ୟ ଦେଶରୁ ତୁରନ୍ତ ସମାନ ପରିମାଣର ତେଲ ଆଣିବା ସହଜ କଥା ନୁହେଁ । ରୁଷ ବଦଳରେ ଅନ୍ୟ ଦେଶରୁ ଅଧିକ ତେଲ କିଣିଲେ ବିଶ୍ୱ ବଜାରରେ ତେଲ ଦର ଉପରେ ଚାପ ବଢ଼ିବ । ରୁଷ ତେଲ କିଣା ବନ୍ଦ କଲେ ଆଉ ଏକ ସମସ୍ୟା ଦେଖାଦେବା ଆଶଙ୍କା ରହିଛି ବୋଲି ସୀତାରମଣ କହିଛନ୍ତି । ସେ କହିଲେ, ଦେଶର ବହୁ ତୈଳ ବିଶୋଧନାଗାର ନିର୍ଦ୍ଦିଷ୍ଟ ପ୍ରକାରର ଅଶୋଧିତ ତୈଳ ପ୍ରକ୍ରିୟାକରଣ ପାଇଁ ନିର୍ମାଣ କରାଯାଇଛି । ତେଣୁ ଗୋଟିଏ ଦେଶର ତେଲ ବଦଳରେ ଅନ୍ୟ ଦେଶର ତେଲ ଆଣିବା ପୂର୍ବରୁ ତାହା ବିଶୋଧନାଗାର ପାଇଁ ଉପଯୁକ୍ତ କି ନୁହେଁ, ତାହା ମଧ୍ୟ ବିଚାରକୁ ନେବାକୁ ପଡ଼ିବ । ଗତ ଅଗଷ୍ଟରେ ଭାରତର ରୁଷ ତୈଳ ଆମଦାନି ଜୁଲାଇ ତୁଳନାରେ ୧୬.୫% ହ୍ରାସ ପାଇ ଦୈନିକ ପ୍ରାୟ ୨୧ ଲକ୍ଷ ବ୍ୟାରେଲରେ ପହଂଚିଛି । ଏହାସତ୍ତ୍ୱେ ରୁଷ ଭାରତର ସର୍ବବୃହତ୍ ତୈଳ ଯୋଗାଣକାରୀ ରାଷ୍ଟ୍ର ହୋଇରହିଛି । ପ୍ରାରମ୍ଭିକ ତଥ୍ୟ ଅନୁସାରେ ସେପ୍ଟେମ୍ବରରେ ରୁଷ ତେଲ ଆମଦାନି ଦୈନିକ ୧୯ ଲକ୍ଷ ବ୍ୟାରେଲକୁ ହ୍ରାସ ପାଇବା ଆଶଙ୍କା ରହିଛି। ଆମେରିକା ପକ୍ଷରୁ ରୁଷରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ୧୦୦ ପ୍ରତିଶତ ଅତିରିକ୍ତ ଶୁଳ୍କ ଲଗାଇବା ଯୋଜନା ରହିଛି । ତାହାକୁ ଦୃଷ୍ଟିରେ ରଖି ଭାରତ ମାପିଚୁପି ଆଗକୁ ବଢ଼ୁଛି ।


Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com

ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das